# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**23 June – 2025**

***********************************

## ମୁଖ୍ୟ ସମ୍ବାଦ

- ଗଞ୍ଜାମ ଜିଲ୍ଲା ଯୁବଶକ୍ତି ସମାବେଶରେ ଯୋଗଦେଇ ୫୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

- ରାଜ୍ୟରେ ଶିଶୁମାନଙ୍କ ସୁରକ୍ଷା ଓ ବିକାଶ ପାଇଁ 'ଆମରି ଶିଶୁ' ୱେବପୋର୍ଟାଲର ଶୁଭାରମ୍ଭ

- ଅନବସର ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କ ଘଣାଲାଗି ନୀତି ଅନୁଷ୍ଠିତ; ଆସନ୍ତାକାଲି ହେବ ବନକଲାଗି ନୀତି

ଏବଂ

- ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ପ୍ରଭାବରେ ରାଜ୍ୟର ୧୭ଟି ଜିଲ୍ଲାରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା

*Ganjam*

# ମୁଖ୍ୟମନ୍ତ୍ରୀ ଯୁବଶକ୍ତି ସମାବେଶ

କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତ୍ୟେକ କ୍ଷେତ୍ରରେ ଯୁବଶକ୍ତିଙ୍କ ନିୟୋଜନକୁ ଗୁରୁତ୍ୱ ଦେଇ ଆସୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଗଞ୍ଜାମ ଜିଲ୍ଲା ଆସିକାସ୍ଥିତ ସରକାରୀ ବିଜ୍ଞାନ ମହାବିଦ୍ୟାଳୟ ଖେଳପଡିଆରେ କ୍ରୀଡ଼ା ଓ ଯୁବସେବା ବିଭାଗ ପକ୍ଷରୁ ଆୟୋଜିତ ଯୁବଶକ୍ତି ସମାବେଶରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ୫୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ବିଭିନ୍ନ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଯୁବବର୍ଗ ହେଉଛନ୍ତି ସମାଜର ଶକ୍ତି, ସାମର୍ଥ୍ୟ ଓ ଭବିଷ୍ୟତ। ଦେଢ଼ କୋଟିରୁ ଊର୍ଦ୍ଧ୍ୱ ଯୁବବର୍ଗ ସଫଳ ହୋଇପାରିଲେ ଓଡ଼ିଶା ଦେଶର ଶ୍ରେଷ୍ଠ ରାଜ୍ୟଭାବେ ବିକଶିତ ଭାରତର ଗ୍ରୋଥ ଇଞ୍ଜିନ ହେବ।

ଗୁଣାତ୍ମକ ଶିକ୍ଷା ବିନା ଯୁବକଙ୍କ ବିକାଶ ହୋଇପାରିବ ନାହିଁ। ଏଥିପାଇଁ ଜାତୀୟ ଶିକ୍ଷାନୀତି ଲାଗୁ କରାଯାଇଛି। ଯୁବବର୍ଗଙ୍କୁ ନିଯୁକ୍ତି ଯୋଗ୍ୟ କରିବା ପାଇଁ ରାଜ୍ୟର ୫୮ଟି କଲେଜରେ ଶିଳ୍ପ କ୍ଷେତ୍ରରେ ବ୍ୟବହାରିକ ତାଲିମ ବ୍ୟବସ୍ଥା କରାଯାଇଛି। ଆଗକୁ ଅଧିକ କଲେଜରେ ଏହି ତାଲିମ ଦିଆଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ବର୍ତ୍ତମାନ ସୁଦ୍ଧା ସରକାର ୨୮ ହଜାରରୁ ଊର୍ଦ୍ଧ୍ୱ ପଦବୀ ପୂରଣ କରିଛନ୍ତି। ଶିଳ୍ପାୟନ ମାଧ୍ୟମରେ ଯୁବଶକ୍ତିଙ୍କ ପାଇଁ ବିପୁଳ ନିଯୁକ୍ତି ସୁଯୋଗ

ସୃଷ୍ଟି କରାଯାଇଛି ବୋଲି ଶ୍ରୀ ମାଝୀ କହିଛନ୍ତି। ଉତ୍କର୍ଷ ଓଡ଼ିଶା-୨୦୨୫ ଆୟୋଜନ ରାଜ୍ୟରେ ପ୍ରାୟ ୧୩ ଲକ୍ଷ ନିଯୁକ୍ତି ସମ୍ଭାବନା ସୃଷ୍ଟି କରିଛି। ଏ ନେଇ ସରକାର ଯୁବବର୍ଗଙ୍କ ଦକ୍ଷତା ଉପରେ ସର୍ବାଧିକ ଗୁରୁତ୍ୱାରୋପ କରୁଛନ୍ତି। ରାଜ୍ୟରେ ଆଇ.ଟି.ଆଇ., ବିଶ୍ୱ ଦକ୍ଷତା କେନ୍ଦ୍ର, ସେମିକଣ୍ଡକ୍ଟର, କୃତ୍ରିମ ବୁଦ୍ଧିମତା, ଏରୋ ସ୍ପେଶ୍ ଭଳି ଆଧୁନିକ ଦକ୍ଷତା ପ୍ରଶିକ୍ଷଣ ପାଇଁ ସିଙ୍ଗାପୁର ସହିତ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ପଞ୍ଚାୟତରୁ ସହର ପର୍ଯ୍ୟନ୍ତ ବିଭିନ୍ନ ସ୍ତରରେ କ୍ରୀଡ଼ାର ବିକାଶ ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ଆଗାମୀ ଦିନରେ ଭୁବନେଶ୍ୱର ବ୍ୟତୀତ ସମ୍ବଲପୁର, ବ୍ରହ୍ମପୁର, ଢେଙ୍କାନାଳ, ଭଦ୍ରକ ଓ କୋରାପୁଟରେ କ୍ରୀଡ଼ାର ହବ୍ ହେବ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ୫ଟି ଜଳସେଚନ ପ୍ରକଳ୍ପ, ସେତୁ, ରାସ୍ତା ନିର୍ମାଣ ଆଦି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି।

କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ସହ ବାଣିଜ୍ୟ, ପରିବହନ, ଇସ୍ପାତ ଓ ଖଣିମନ୍ତ୍ରୀ ବିଭୂତି ଭୂଷଣ ଜେନା ଏବଂ ମତ୍ସ୍ୟ ଓ ପଶୁସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗ ଦେଇଥିଲେ।

***HS***

## ଆମରି ଶିଶୁ ୱେବପୋର୍ଟାଲ

ଶିଶୁମାନଙ୍କ ଯତ୍ନ, ସୁରକ୍ଷା, ବିକାଶ ଓ ନ୍ୟାୟ ପାଇଁ ରାଜ୍ୟ ମହିଳା ଓ ଶିଶୁକଲ୍ୟାଣ ବିଭାଗ ପକ୍ଷରୁ 'ଆମରି ଶିଶୁ' ୱେବ୍ ପୋର୍ଟାଲକୁ ଆଜି

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉନ୍ମୋଚନ କରିଛନ୍ତି। ରାଜ୍ୟ ମହିଳା ଓ ଶିଶୁ ପ୍ରତିଷ୍ଠାନ କେନ୍ଦ୍ରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀମତୀ ପରିଡ଼ା କହିଛନ୍ତି, ଏହି ପୋର୍ଟାଲରେ ଶିଶୁର ଜନ୍ମଠାରୁ ଆରମ୍ଭ କରି ପୋଷଣର ସମସ୍ତ ତଥ୍ୟ ରେକର୍ଡ କରାଯିବ। ଶିଶୁ ସୁରକ୍ଷା ୟୁନିଟ୍, ଶିଶୁ କଲ୍ୟାଣ କମିଟି, କିଶୋର ନ୍ୟାୟବୋର୍ଡ, ଶିଶୁ ଯତ୍ନ ପ୍ରତିଷ୍ଠାନ ଓ ଅନ୍ୟାନ୍ୟ ସେବା ପ୍ରଦାନକାରୀ ଏବଂ ଶିଶୁ ସୁରକ୍ଷା କ୍ଷେତ୍ରରେ  କାର୍ଯ୍ୟରତ ବିଭିନ୍ନ ଅଂଶୀଦାରମାନଙ୍କ ମଧ୍ୟରେ ଏହି ପୋର୍ଟାଲ ସମନ୍ୱୟ ରକ୍ଷା କରିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।

**- V/O -**

ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଛନ୍ତି, ମିଶନ ବାତ୍ସଲ୍ୟ, ଯଶୋଦା, ଆଶୀର୍ବାଦ ଭଳି ଯୋଜନାଗୁଡ଼ିକ ସମ୍ପର୍କରେ ଜନସାଧାରଣଙ୍କୁ ଏହି ପୋର୍ଟାଲ ଅବଗତ କରାଇବ। ପ୍ରତି ତିନି ମାସରେ ଗୋଟିଏ ବ୍ଲକକୁ ପୋଷଣମୁକ୍ତ କରିବା ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। ଏହି କାର୍ଯ୍ୟ ପାଇଁ ଅଙ୍ଗନବାଡ଼ି ମହିଳାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି।

***HS***

## ସ୍ୱାସ୍ଥ୍ୟମନ୍ତ୍ରୀ– ଡାଇରିଆ

ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ରାଜ୍ୟରେ ଡାଇରିଆ ସ୍ଥିତି ସମୀକ୍ଷା କରିଛନ୍ତି। ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି, ଡାଇରିଆ ସଂକ୍ରମଣ ବର୍ତ୍ତମାନ ନିୟନ୍ତ୍ରଣାଧୀନ ରହିଛି। ନୂତନ ଆକ୍ରାନ୍ତଙ୍କ ସଂଖ୍ୟା ହ୍ରାସ ପାଇବାରେ ଲାଗିଛି। ଲୋକମାନେ ସତର୍କ ରହିବା ସହ ସଚେତନ ହେବା ପାଇଁ ମନ୍ତ୍ରୀ

ପରାମର୍ଶ ଦେଇଛନ୍ତି। ଆଗାମୀ ପୁରୀ ରଥଯାତ୍ରା ସମୟରେ ଡାଇରିଆ ଯେପରି ନ ବ୍ୟାପେ ସେଥିପାଇଁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ମନ୍ତ୍ରୀ ଶ୍ରୀ ମହାଲିଙ୍ଗ କହିଛନ୍ତି।

**- V/O -**

***Boudh/BHK/Desk***

## ଶ୍ୟାମାପ୍ରସାଦ ବଳିଦାନ ଦିବସ

ଦେଶରେ ଆଜି ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ୭୨ତମ ଶ୍ରାଦ୍ଧବାର୍ଷିକୀରେ ବଳିଦାନ ଦିବସ ପାଳନ କରାଯାଉଛି। ଦେଶର ଅଖଣ୍ଡତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ଡକ୍ଟର ମୁଖାର୍ଜୀ ଅତୁଳନୀୟ ସାହସ ଓ ପ୍ରୟାସ ପ୍ରଦର୍ଶନ କରିଥିଲେ । ରାଷ୍ଟ୍ର ନିର୍ମାଣରେ ତାଙ୍କର ଅମୂଲ୍ୟ ଅବଦାନକୁ ସର୍ବଦା ସ୍ମରଣ କରାଯିବ। ଡକ୍ଟର ମୁଖାର୍ଜୀ ଜଣେ ସ୍ୱାଧୀନତା ସଂଗ୍ରାମୀ ଓ ସମାଜ ସଂସ୍କାରକ ଥିଲେ । ଜମ୍ମୁ କାଶ୍ମୀରକୁ ଦିଆଯାଇଥିବା ସ୍ୱତନ୍ତ୍ର ମାନ୍ୟତାକୁ ସେ ବିରୋଧ କରିଥିଲେ । ୧୯୫୩ ମସିହା ଆଜିର ଦିନରେ ଭାରତୀୟ ଜନସଂଘର ପ୍ରତିଷ୍ଠାତା ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କର ଶ୍ରୀନଗର ଜେଲ୍‌ରେ ରହସ୍ୟମୟ ପରିସ୍ଥିତିରେ ଦେହାନ୍ତ ହୋଇଥିଲା ।

ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱର ଜୟଦେବ ଭବନରେ ଆଜି ସନ୍ଧ୍ୟାରେ ଏକ ସାଧାରଣ ସଭା ଅନୁଷ୍ଠିତ ହେଉଛି। ଏଥିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

ଭଦ୍ରକ ଜିଲ୍ଲାର ବିଜେପି କାର୍ଯ୍ୟାଳୟ ଏବଂ ଜିଲ୍ଲାର ବିଭିନ୍ନ ପଞ୍ଚାୟତ ବିଜେପି ମଣ୍ଡଳସ୍ତରରେ ଡକ୍ଟର ଶ୍ୟାମାପ୍ରସାଦ ମୁଖାର୍ଜୀଙ୍କ ବଳିଦାନ ଦିବସ ପାଳନ କରାଯାଇଛି। ସାଂସଦ ଅଭିମନ୍ୟୁ ସେଠୀ, ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲ୍ଲା ବିଜେପି ସଭାପତି ଭଗବାନ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ବୌଦ୍ଧ ଜିଲ୍ଲା କାର୍ଯ୍ୟାଳୟରେ ଏହି ଅବସରରେ ବିଜେପି ପ୍ରତିନିଧିମାନେ ଯୋଗଦେଇ ଡକ୍ଟର ମୁଖାର୍ଜୀଙ୍କ ନୀତି ଆଦର୍ଶ ଉପରେ ଆଲୋଚନା କରିଥିଲେ। ବୌଦ୍ଧ ନଗର କାର୍ଯ୍ୟାଳୟଠାରେ ଆଜି ଦଳୀୟ ନେତା ଓ କର୍ମୀମାନେ ବଳିଦାନ ଦିବସ ପାଳନ କରାଯିବା ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

***Subarnapur/ DHNKL/ K.Para/Boudh/CTC/G.pati/N.garh***

# ଅଭିଯୋଗ ଶୁଣାଣି ଶିବିର

ରାଜ୍ୟର ଆଜି ବିଭିନ୍ନ ସ୍ଥାନରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି।

କଟକ ଜିଲ୍ଲା ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ୩୫ଟି ଅଭିଯୋଗର ତ୍ୱରିତ ସମାଧାନ  କରାଯାଇଥିଲା।

ନୟାଗଡ଼ ଜିଲ୍ଲା ଦଶପଲ୍ଲା ବ୍ଲକରେ ଅନୁଷ୍ଠିତ ଶିବିରରେ ପଞ୍ଜୀକୃତ ୧୪୫ଟି ଦରଖାସ୍ତ ମଧ୍ୟରୁ ୪୭ଟି ମାମଲାର ସମାଧାନ କରାଯାଇଥିଲା।

ଗଜପତି ଜିଲ୍ଲା କାଶୀନଗର ବ୍ଲକ ଅନ୍ତର୍ଗତ କିଡ଼ିଗାଁ ଗ୍ରାମ ପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ଶିବିରରେ ମୋଟ୍ ୧୩ଟି ମାମଲାର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ  ଜିଲ୍ଲାପାଳ ବିଜୟ କୁମାର ଦାସ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଅନ୍ତର୍ଗତ ତଳଗାଁ ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ଆଜି ୬୫ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଛି।

କେନ୍ଦ୍ରାପଡ଼ା ଆଳି ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶୁଣାଣି ଶିବିରରେ ମୋଟ ୧୬୦ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା।

ଢେଙ୍କାନାଳ ଜିଲ୍ଲାରେ ଆଜି ୪୭ଟି ମାମଲା ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ୧୪ଟି ମାମଲାର ତୁରନ୍ତ ସମାଧାନ ହୋଇଥିଲା।

ସୁବର୍ଣ୍ଣପୁର ଜିଲ୍ଲାରେ ଅନୁଷ୍ଠିତ ଶିବିରରେ ୪୫ଟି ମାମଲା ପଞ୍ଜୀକୃତ ହୋଇଥିଲା।

*Ganjam*

## ଗଞ୍ଜାମ– ଗଣଦୁଷ୍କର୍ମ ଘଟଣା

ଗଞ୍ଜାମ ଜିଲ୍ଲା ଗୋପାଳପୁର ବେଳାଭୂମିରେ କଲେଜ ଛାତ୍ରୀଙ୍କୁ ଗଣଦୁଷ୍କର୍ମ ଘଟଣାରେ ଜାତୀୟ ମାନବାଧିକାର ଆୟୋଗ– ଏନ୍.ଏଚ୍.ଆର୍.ସି. ପକ୍ଷରୁ ସ୍ୱତଃ ତଦନ୍ତ ନିର୍ଦ୍ଦେଶ ଦିଆଯାଇଛି। ଗଣମାଧ୍ୟମର ରିପୋର୍ଟକୁ ଆଧାର କରି ଆୟୋଗ ଏହି ଘଟଣାକୁ ଗମ୍ଭୀର ମାନବାଧିକାର ଉଲ୍ଲଙ୍ଘନ ଭାବେ ଗ୍ରହଣ କରିଛନ୍ତି। ଏ ସଂକ୍ରାନ୍ତରେ ମୁଖ୍ୟ ଶାସନ ସଚିବ ଏବଂ ପୁଲିସ ମହାନିର୍ଦ୍ଦେଶକଙ୍କୁ ଆୟୋଗ ନୋଟିସ ଜାରି କରି ଦୁଇ ସପ୍ତାହ ମଧ୍ୟରେ ବିସ୍ତୃତ ରିପୋର୍ଟ ଦେବାକୁ କହିଛନ୍ତି। ଏଥିସହ ମାମଲାର ତଦନ୍ତ ସ୍ଥିତି, ପୀଡ଼ିତାଙ୍କର ସ୍ୱାସ୍ଥ୍ୟ ଏବଂ ତାଙ୍କୁ ଦିଆଯାଇଥିବା କ୍ଷତିପୂରଣ ସମ୍ପର୍କରେ ରିପୋର୍ଟରେ ସାମିଲ କରିବାକୁ କୁହାଯାଇଛି। ସୂଚନାଥାଉ କି,  ଏହି ଘଟଣାରେ ପୁଲିସ ଦ୍ୱାରା ୭ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି।

***Puri/R***

## ଘଣାଲାଗି

ଅନବସରର ତ୍ରୟୋଦଶୀ ତିଥିରେ ଆଜି ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କର ଘଣାଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ଶୁଣନ୍ତୁ ଏ ସମ୍ପର୍କିତ ଏକ ରିପୋର୍ଟ...

**- V/O -Puri**

ମହାପ୍ରଭୁଙ୍କ ଘଣାଲାଗି ନୀତି ପାଇଁ ସୁନାକୂଅରୁ ୩ ଗରା ଜଳ ଶୁଦ୍ଧ ସୁଆରଙ୍କ ଘରେ ବିଜେ ହେବା ପରେ ଦିବ୍ୟ ପ୍ରଲେପ ଖଳି ପ୍ରସ୍ତୁତ ହୋଇଯାଇଛି । ଶ୍ରୀଜୀଉଙ୍କୁ ଘଣାଲାଗି ପରେ ଖଳି ସୁଧସୁଆରଙ୍କ ଘରୁ ଘଣ୍ଟଘଣ୍ଟା ଓ ପଟୁଆରରେ ସୂର୍ଯ୍ୟାସ୍ତ ପୂର୍ବରୁ ଶ୍ରୀମନ୍ଦିରକୁ ବିଜେ କରାଯାଇଛି। ପରେ ଏହି ଖଳି ଲାଗି ହୋଇ ମହାପ୍ରଭୁଙ୍କ ଶ୍ରୀମୁଖ ଓଡା ପଡ଼ିବ। ଦଇତାପତିମାନେ ଶ୍ରୀଜୀଉଙ୍କ ଶ୍ରୀପୟର ମୁଦାନୀତି ସମ୍ପାଦନ କରିବେ ବୋଲି ଜଣାପଡ଼ିଛି। ଭୋଗ ମଣ୍ଡପ ନୀତି ପରେ ଖଡ଼ିଲାଗି ନୀତି ହେବ। ଅନ୍ୟପକ୍ଷରେ ଆସନ୍ତାକାଲି ଶ୍ରୀଜୀଉମାନଙ୍କର ଦ୍ୱିତୀୟ ଭୋଗ ମଣ୍ଡପ ନୀତି ପରେ ଶ୍ରୀମୁଖ ଶୃଙ୍ଗାର ତଥା ବନକଲାଗି ନୀତି ଅନୁଷ୍ଠିତ ହେବ।

***Desk***

## ପାଣିପାଗ

ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ରାଜ୍ୟରେ ସକ୍ରିୟ ଥିବାରୁ ବିଭିନ୍ନ ଅଞ୍ଚଳରେ ବର୍ଷା ଲାଗି ରହିଛି । ସେହିଭଳି ଗାଙ୍ଗେୟ ପଶ୍ଚିମବଙ୍ଗ ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ଆସନ୍ତା ୬ ଦିନ ପର୍ଯ୍ୟନ୍ତ ବର୍ଷା ଲାଗି ରହିବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଗଜପତି, ଗଞ୍ଜାମ, କଳାହାଣ୍ଡି, କନ୍ଧମାଳ, ରାୟଗଡ଼ା ସମେତ ୧୭ଟି ଜିଲ୍ଲାରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ନେଇ ସତର୍କ ସୂଚନା ଜାରି କରାଯାଇଛି।